# NATIONAL NEWS BULLETIN (ODIA)

**11 October - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଚେନ୍ନାଇ ଗସ୍ତ ଅବସରରେ ପୋରୁର୍‌ରୁ ପୁନମାଲି ପର୍ଯ୍ୟନ୍ତ ମେଟ୍ରୋ ରେଳ ସେବାର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ ।

- ପ୍ରଧାନମନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀ ସି. ଜୋଶେଫ୍ ବିଜୟ ମେଟ୍ରୋ ରେଳରେ କଲେ ଯାତ୍ରା ।

- ରିୟାଦ୍‌ର କିଙ୍ଗ ଖାଲିଦ୍ ଆନ୍ତର୍ଜାତୀୟ ବିମାନ ବନ୍ଦର ଉପରେ ବାରମ୍ବାର ଶତ୍ରୁପକ୍ଷର ଆକ୍ରମଣକୁ ଭାରତର ନିନ୍ଦା ।

- ଜଗଜ୍ଜନନୀ ମା’ ଦୁର୍ଗାଙ୍କ ନବଦିନବ୍ୟାପୀ ଆରାଧନାର ପର୍ବ ନବରାତ୍ରି ଅବସରରେ ପ୍ରଧାନମନ୍ତ୍ରୀ ଏବଂ ଉପରାଷ୍ଟ୍ରପତିଙ୍କ ଶୁଭେଚ୍ଛା ।

ଏବଂ

- ଇନ୍ଦୋରର ହୋଲକର ଷ୍ଟାଡିୟମରେ ଆଜି ଖେଳାଯିବ ଭାରତ-ୱେଷ୍ଟଇଣ୍ଡିଜ ଟି-୨୦ କ୍ରିକେଟ୍ ଶୃଙ୍ଖଳାର ତୃତୀୟ ମ୍ୟାଚ୍ ।

---

## ପିଏମ୍-ଚେନ୍ନାଇ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଚେନ୍ନାଇ ଗସ୍ତରେ ଯାଇଛନ୍ତି । ସେଠାରେ ଶ୍ରୀ ମୋଦୀ ୧୩ହଜାର କୋଟି ଟଙ୍କାର ପ୍ରକଳ୍ପଗୁଡ଼ିକୁ ଉଦ୍‌ଘାଟନ କରିବେ । ଚେନ୍ନାଇରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀଙ୍କୁ

ମୁଖ୍ୟମନ୍ତ୍ରୀ ସି. ଜୋଶେଫ୍ ବିଜୟ, ତାଙ୍କ କ୍ୟାବିନେଟ୍ ସହକର୍ମୀ ଏବଂ ଏ.ଆଇ.ଏ.ଡି.ଏମ୍.କେ ସାଧାରଣ ସମ୍ପାଦକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଏଡାପାଡି ପାଲାନିସ୍ୱାମୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଚେନ୍ନାଇର ପୋରୁର୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମ ସ୍ଥଳକୁ ଯିବା ବାଟରେ ପ୍ରଧାନମନ୍ତ୍ରୀ ଏକ ରୋଡ ଶୋ’ କରିଥିଲେ । ଏଥିସହ ସେ ପୋରୁର୍‌ରୁ ପୁନମାଲ୍ଲୀ ପର୍ଯ୍ୟନ୍ତ ମେଟ୍ରୋ ରେଳସେବାର ଶୁଭାରମ୍ଭ କରିଥିଲେ । ଏହି ପ୍ରକଳ୍ପରେ ପ୍ରାୟ ୪ହଜାର ୯୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ପ୍ରଧାନମନ୍ତ୍ରୀ ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋଶେଫ୍ ବିଜୟଙ୍କ ସହ ମେଟ୍ରୋ ରେଳରେ ଯାତ୍ରା ମଧ୍ୟ କରିଥିଲେ । ଏହି ୧୪ଦଶମିକ ୫ କିଲୋମିଟର ଦୀର୍ଘ ମେଟ୍ରୋ ରେଳ ସେବାରେ ଏକ ସ୍ୱତନ୍ତ୍ର ୩ ଦଶମିକ ୭ କିଲୋମିଟର ବିଶିଷ୍ଟ ଡବଲଡେକର ସଂରଚନା ରହିଛି । ଯେଉଁଥିରେ ଚାଳକବିହୀନ ପରିଚାଳନାକୁ ସହାୟତା କରିବା ପାଇଁ ଅତ୍ୟାଧୁନିକ ସିଗ୍‌ନାଲିଂ ବ୍ୟବସ୍ଥା ପ୍ରସ୍ତୁତ କରାଯାଇଛି । ପ୍ରଧାନମନ୍ତ୍ରୀ ୭୫୦ କୋଟିରୁ ଅଧିକ ଟଙ୍କାର ରେଳ ଭିତ୍ତିଭୂମି ପ୍ରକଳ୍ପକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ ଏବଂ ଉଦ୍‌ଘାଟନ କରିବେ । ଯେଉଁଥିରେ ଅମୃତଭାରତ ଷ୍ଟେସନ ଯୋଜନା ଅଧୀନରେ ପୁନଃ ବିକାଶ କରାଯାଇଥିବା ପାଲାମି, ଭେଲୋର କ୍ୟାଣ୍ଟନମେଣ୍ଟ, ଅମ୍ବା ସମୁଦ୍ରମ୍, ପରମାକୁଡ଼ି ଏବଂ ନାମକ୍କାଲଠାରେ ଅବସ୍ଥିତ ୫ଟି ଅମୃତ ଷ୍ଟେସନ ସାମିଲ ଅଛି ।

ପରେ ଶ୍ରୀ ମୋଦୀ ଆଇଆଇଟି ପରିସରକୁ ଯାଇ ଜଳକଣ୍ଠେଶ୍ୱର ଶିବ ମନ୍ଦିରରେ ଦର୍ଶନ ଓ ପୂଜାର୍ଚ୍ଚନା କରିବେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ

ଆଇଆଇଟି ମାଡ୍ରାସଠାରେ ସୁଧାଗୋପାଳ କ୍ରିଷ୍ଣନ ବ୍ରେନ୍ ସେଣ୍ଟରକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବାର କାର୍ଯ୍ୟକ୍ରମ ରହିଛି । ଯାହା ଗର୍ଭାବସ୍ଥାରୁ ଆରମ୍ଭ କରି ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ମାନବଜୀବନକାଳ ମଧ୍ୟରେ ୧୦୦ରୁ ଅଧିକ ମାନବ ମସ୍ତିଷ୍କକୁ କୋଷୀୟସ୍ତରରେ ଥ୍ରୀଡି ଆଟ୍‌ଲାସରେ ମାନଚିତ୍ର ପ୍ରସ୍ତୁତ କରିବା ପାଇଁ ଏକ ବିଶ୍ୱସ୍ତରୀୟ ବୈଜ୍ଞାନିକ ମିଶନ । ଏହାପରେ ପ୍ରଧାନମନ୍ତ୍ରୀ ସାମୁଦ୍ରିକ ଭିତ୍ତିଭୂମିକୁ ମଜଭୁତ କରିବା, କାର୍ଗୋ ହ୍ୟାଣ୍ଡେଲିଂ ସୁବିଧାର ସମ୍ପ୍ରସାରଣରେ ସହାୟତା କରିବା ଏବଂ ଲଜିଷ୍ଟିକ୍‌ସ ଦକ୍ଷତା ବୃଦ୍ଧି ପାଇଁ କେତେକ ପ୍ରମୁଖ ଜାତୀୟ ରାଜପଥ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ । ଏହି ଜାତୀୟ ରାଜପଥ ପ୍ରକଳ୍ପଗୁଡ଼ିକ ସେଲମ, ମଦୁରାଇ ଏବଂ ନାଗାପଟିନମ୍‌ରେ ଟ୍ରାଫିକ ସମସ୍ୟା ଦୂର କରିବା ସହ ଯାତ୍ରା ସମୟ ହ୍ରାସ କରିବ । ସେ ଚେନ୍ନାଇ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍‌ର ମାନାଲି ବିଶୋଧନାଗାରରେ ଏକ ଲୁବ୍ ଅଏଲ ବେସ୍ ଷ୍ଟକ ପ୍ରକଳ୍ପରର ଶିଳାନ୍ୟାସ କରିବେ । ଶ୍ରୀ ମୋଦୀ କାମରାଜ ବନ୍ଦରରେ ଏକ ଅତିରିକ୍ତ କୋଇଲା ବର୍ଥ ପ୍ରକଳ୍ପକୁ ମଧ୍ୟ ଉଦ୍‌ଘାଟନ କରିବେ ଏବଂ ଅତିରିକ୍ତ କଣ୍ଟେନର ଟର୍ମିଲନାଲ ପାଇଁ କ୍ୟାପିଟାଲ ଡ୍ରେଜିଂ କାର୍ଯ୍ୟର ଶିଳାନ୍ୟାସ କରିବେ । ଦିଲ୍ଲୀ ପ୍ରତ୍ୟାବର୍ତ୍ତନ ପୂର୍ବରୁ ପ୍ରଧାନମନ୍ତ୍ରୀ ଜୟଗୋପାଳ

ଗାରୋଡିଆ ହିନ୍ଦୁ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମଧ୍ୟ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ଇଣ୍ଡିଆ-ରିୟାଦ୍ ଆଟାକ

ବିଗତ କିଛିଦିନ ମଧ୍ୟରେ ରିୟାଦ୍‌ର କିଙ୍ଗ ଖାଲିଦ୍ ଆନ୍ତର୍ଜାତୀୟ ବିମାନ ବନ୍ଦର ଉପରେ ହୋଇଥିବା ବାରମ୍ବାର ଆକ୍ରମଣକୁ ଭାରତ ଦୃଢ଼ ନିନ୍ଦା କରିଛି । ଗତକାଲି ମଧ୍ୟ ସେହି ବିମାନ ବନ୍ଦର ଉପରେ ଆକ୍ରମଣ ହୋଇଥିଲା । ଏହି ଆକ୍ରମଣ ଯୋଗୁଁ ଅନେକ ଧନଜୀବନ ହାନି ହେବା ସହ ଅନେକ ଲୋକ ଆହତ ହୋଇଛନ୍ତି ଏବଂ ସମ୍ପତ୍ତି ନଷ୍ଟ ହୋଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତ୍ତିରେ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ପ୍ରକାଶ କରାଯିବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ସାଧାରଣ ନାଗରିକ ଏବଂ ସାଧାରଣ ଭିତ୍ତିଭୂମି ଉପରେ ଏଭଳି ବାରମ୍ବାର ଆକ୍ରମଣ ସମ୍ପୂର୍ଣ୍ଣ ରୂପେ ଗ୍ରହଣୀୟ ନୁହଁ ଓ ଏହା ତୁରନ୍ତ ବନ୍ଦ ହେବା ଉଚିତ୍ । ଏଥିସହ ଭାରତ ସାଉଦୀ ଆରବର ସାର୍ବଭୌମତ୍ୱ ରକ୍ଷା ପାଇଁ ସେଠାକାର ଜନସାଧାରଣ ଓ ସରକାରଙ୍କ ସହ ଦୃଢ଼ତାର ସହ ରହିଛି ଏବଂ ଏହି ଅଞ୍ଚଳରେ ଖୁବ୍‌ଶୀଘ୍ର ଶାନ୍ତି ଓ ସ୍ୱାଭାବିକ ଅବସ୍ଥା ଫେରି ଆସିବ ବୋଲି ଆଶାପ୍ରକଟ କରିଛି ।

# ପିଏମ୍‌-ମହାରାଜା ଅଗ୍ରସେନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମହାରାଜା ଅଗ୍ରସେନଙ୍କ ଜୟନ୍ତୀ ଅବସରରେ ତାଙ୍କପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ଉଲ୍ଲେଖ କରି କହିଛନ୍ତି ମହାରାଜା ଅଗ୍ରସେନ ଜନସେବା ଏବଂ ସାମାଜିକ ସଦ୍‌ଭାବର ଜଣେ ଅଗ୍ରଦୂତ ଥିଲେ । ଯାହାଙ୍କ ଜୀବନ ଓ ଆଦର୍ଶ ସମାଜକୁ ମାନବିକତା ଦିଗରେ ନିରନ୍ତର ମାର୍ଗ ଦର୍ଶନ କରିଥାଏ । ତାଙ୍କର ମହାନ୍‌ ଚିନ୍ତାଧାରା ଭାରତର ସାଂସ୍କୃତିକ ପୁର୍ନଉତ୍ଥାନକୁ ସଦାସର୍ବଦା ଅନୁପ୍ରାଣିତ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ଶାହା-ରାଜନାଥ - ଜୟପ୍ରକାଶ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଆଜି ସ୍ୱାଧୀନତା ସଂଗ୍ରାମୀ, ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ଅବସରରେ ତାଙ୍କପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି ସ୍ୱାଧୀନତା ସଂଗ୍ରାମରେ ଯୁବଶକ୍ତିଙ୍କୁ ଏକତ୍ର କରିବାଠାରୁ ଆରମ୍ଭ କରି ସ୍ୱାଧୀନତା ପରେ ଗ୍ରାମୀଣ ଭାରତର ସଶକ୍ତିକରଣ ଏବଂ ସର୍ବୋଦୟ ପାଇଁ କାର୍ଯ୍ୟ କରିବା ପର୍ଯ୍ୟନ୍ତ ଜୟପ୍ରକାଶ ନାରାୟଣଙ୍କ ସମଗ୍ର ଜୀବନ ଦେଶ ଓ ସମାଜ ପାଇଁ ଉତ୍ସର୍ଗୀକୃତ ଥିଲା । ଲୋକନାୟକଙ୍କ ଏହି ସମର୍ପଣ ଆଗାମୀ ପୀଢ଼ିକୁ

ମାର୍ଗଦର୍ଶନ ଦେବା ଜାରି ରଖିବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି ଜୟପ୍ରକାଶ ନାରାୟଣଙ୍କ ଜୀବନ, ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ଜାତିର ସ୍ୱାର୍ଥ ପ୍ରତି ଅତୁଟ ପ୍ରତିବଦ୍ଧତାର ଏକ ପ୍ରତୀକ ।

## ନବରାତ୍ରୀ-ଶୁଭେଚ୍ଛା

ଜଗଜ୍ଜନନୀ ମା' ଦୁର୍ଗାଙ୍କ ନବଦିନ ବ୍ୟାପୀ ଆରାଧନାର ପର୍ବ ନବରାତ୍ରି ଆଜିଠାରୁ ସାରା ଦେଶରେ ଭକ୍ତି ଓ ଉତ୍ସାହର ସହ ଆରମ୍ଭ ହେଉଛି । ନବରାତ୍ରି ଅବସରରେ ମା' ଦୁର୍ଗାଙ୍କର ୯ଟି ସ୍ୱରୂପକୁ ପୂଜା କରାଯାଇଥାଏ । ପ୍ରଥମ ଦିନରେ ଦେବୀ ଦୁର୍ଗାଙ୍କୁ ହିମାଳୟ କନ୍ୟା ବା ଶୈଳପୁତ୍ରୀ ଭାବେ ପୂଜା କରାଯାଏ, ଯେ କି ଶକ୍ତି, ସ୍ଥିରତା ଏବଂ ନୂତନ ଆରମ୍ଭର ପ୍ରତୀକ ଅଟନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନବରାତ୍ରି ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ମା' ଜଗଦମ୍ବାଙ୍କ ଆଶୀର୍ବାଦ ସମସ୍ତ ଜୀବନରେ ସୁଖ, ଶାନ୍ତି, ସମୃଦ୍ଧି ଏବଂ ଉତ୍ତମ ସ୍ୱାସ୍ଥ୍ୟ ପ୍ରଦାନ କରିବ ବୋଲି ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଆଶାପ୍ରକଟ କରି କହିଛନ୍ତି ।

ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ନବରାତ୍ରି ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଶାପ୍ରକଟ କରି କହିଛନ୍ତି ମା' ଦୁର୍ଗାଙ୍କ ଆଶୀର୍ବାଦ ସମସ୍ତଙ୍କୁ ଶକ୍ତି, ସାହସ ଏବଂ ସଦ୍‌ବୁଦ୍ଧି ପ୍ରଦାନ କରିବ ।

# ସେବାସଂକଳ୍ପ–ପଦ୍ମ ପୁରସ୍କାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି ତାଙ୍କର ଏହି ଜୟଯାତ୍ରା ଜାରି ରହିଛି। 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି। ଆମର ଏହି ବିଶେଷ ଶୃଙ୍ଖଳାରେ ଆଜି ଆମେ ଆପଣମାନଙ୍କୁ 'ପରିବର୍ତ୍ତିତ ପଦ୍ମ ପୁରସ୍କାର ଚୟନ ପ୍ରକ୍ରିୟା' ସମ୍ପର୍କରେ ସୂଚନା ପ୍ରଦାନ କରୁଛୁ ।

୨୦୧୪ ମସିହା ପରେ ପଦ୍ମ ପୁରସ୍କାର ଚୟନ ପ୍ରକ୍ରିୟାରେ ବ୍ୟାପକ ପରିବର୍ତ୍ତନ କରାଯାଇଛି । ଏହାକୁ ଅଧିକ ସ୍ୱଚ୍ଛ ଏବଂ ଗଣତାନ୍ତ୍ରିକ କରାଯାଇପାରିଛି । ଏବେ ଦେଶର ଯେକୌଣସି ନାଗରିକ ଯେକୌଣସି ଯୋଗ୍ୟ ବ୍ୟକ୍ତିଙ୍କୁ ମନୋନୀତ କରିପାରିବେ । ଏଥିସହ ଲୋକମାନଙ୍କୁ ନିଜକୁ ମଧ୍ୟ ମନୋନୀତ କରିବାର ସୁଯୋଗ ମିଳିଛି । ସମସ୍ତ ମନୋନୟନ ସମ୍ପୂର୍ଣ୍ଣ ରୂପେ ଅନ୍‌ଲାଇନ୍ ମାଧ୍ୟମରେ ଗ୍ରହଣ କରାଯାଉଛି । ଏହି ସଂସ୍କାରଗୁଡ଼ିକ ପଦ୍ମ ପୁରସ୍କାରକୁ ଏକ ସୀମିତ ପରିସରରୁ ବାହାର କରି 'ଜନସାଧାରଣଙ୍କ ପୁରସ୍କାର'ରେ ପରିଣତ କରିଛି ଏବଂ ଦୁର୍ଗମ ତଥା ପଛୁଆବର୍ଗ ଅଞ୍ଚଳରେ ତୃଣମୂଳ ସ୍ତରରେ ଉତ୍କର୍ଷ ପ୍ରତିପାଦନ କରିଥିବା ଏହି ଅଦୃଶ୍ୟ ନାୟକ ମାନଙ୍କୁ ସମ୍ମାନିତ କିରବାର ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି ।

ମନ୍ କି ବାତ୍ କାର୍ଯ୍ୟକ୍ରମର ଏକ ଅଧ୍ୟାୟରେ ପଦ୍ମ ପୁରସ୍କାର ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ’ ପଦ୍ମ ପୁରସ୍କାର ବ୍ୟବସ୍ଥା ସମ୍ପୂର୍ଣ୍ଣ ବଦଳିଯାଇଛି ଏବଂ ଏବେ ଏହା ‘ଜନସାଧାରଣଙ୍କ ପଦ୍ମ’ ପାଲଟିଛି ।

**V/O**

# ସିଜେପି ଲିଡର୍ସ ରିଲିଜ୍ଡ

ସିଜେପିର ଅଭିଜିତ୍ ଦୀପ୍‌କେ, ଆଶୁତୋଷ ରାଙ୍କା ଏବଂ ସୌରଭ ଦାସ୍‌ଙ୍କୁ ଆଜି ନୂଆଦିଲ୍ଲୀର ଏକ ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟ ଦ୍ୱାରା ମୁକ୍ତ କରାଯାଇଛି । ଗତକାଲି ସେମାନଙ୍କୁ ପ୍ରତିଷେଧମୂଳକ ଗିରଫ କରାଯାଇଥିଲା । ଦିଲ୍ଲୀ ପୋଲିସର ସୂଚନା ଅନୁସାରେ ସମସ୍ତ ଆଇନ୍‌ଗତ ପ୍ରକ୍ରିୟା ପାଳନ କରାଯାଇ ଆଜି ସକାଳେ ଏହି ୩ ଜଣଙ୍କୁ ଦିଲ୍ଲୀ କ୍ୟାଣ୍ଟର ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ହାଜର କରାଯାଇଥିଲା । ପୋଲିସ କହିଛି ଏକବର୍ଷ ପର୍ଯ୍ୟନ୍ତ ଶାନ୍ତି ଓ ସଦାଚାର ବଜାୟ ରଖିବା ପାଇଁ ୫୦ହଜାର ଟଙ୍କାର ଜାମିନ ବଣ୍ଡ ଦାଖଲ କରିବା ପରେ ସେମାନଙ୍କୁ ମୁକ୍ତ କରାଯାଇଛି ।

# ଦିଲ୍ଲୀ ପୁଲିସ ଆଡଭାଇଜରୀ

ଦିଲ୍ଲୀ ପୁଲିସ କହିଛି ସାଧାରଣ ଜନତାଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି କରିବା ଉଦ୍ଦେଶ୍ୟରେ ଅତୀତର ଘଟଣା, ଅନ୍ୟରାଜ୍ୟର ଘଟଣା କିମ୍ବା ଏଆଇ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଅନେକ ଭିଡ଼ିଓ ସାମାଜିକ ଗଣମାଧ୍ୟମରେ ପ୍ରସାରିତ କରାଯାଉଛି । ଦିଲ୍ଲୀ ପୋଲିସ ଲୋକମାନଙ୍କୁ ଏଭଳି ପୋଷ୍ଟଗୁଡ଼ିକୁ ଆଗକୁ ସେୟାର କରିବା ଏବଂ ଏଭଳି ଖବର ପ୍ରସାର କରିବାରୁ ନିବୃତ୍ତ ରହିବାକୁ ପରାମର୍ଶ ଦେଇଛି । ଏଥିସହ ଏଭଳି ବିଭ୍ରାନ୍ତିକର, ମିଥ୍ୟା ପୋଷ୍ଟଗୁଡ଼ିକୁ ସେୟାର କଲେ ପ୍ରୋଫାଇଲ ମାଲିକଙ୍କ ବିରୁଦ୍ଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରେ ବୋଲି ପୋଲିସ ସୂଚନା ଦେଇଛି ।

## ଏସ୍‌ସି-ପ୍ରୋଟେଷ୍ଟ

ଶାନ୍ତିପୂର୍ଣ୍ଣଭାବେ ଏକତ୍ରିତ ହେଉଥିବା ଲୋକଙ୍କୁ ଯେପରି ବେଆଇନ୍ ଭାବେ ଅଟକ ରଖା ନ ଯାଏ ଏବଂ ଟ୍ରାଫିକ ନିୟମାବଳୀ ଆଧାରରେ ଲୋକଙ୍କ ମୁକ୍ତ ଚଳପ୍ରଚଳକୁ ଅନୁମତି ଦେବା ନିଶ୍ଚିତ କରିବା ଲାଗି ସର୍ବୋଚ୍ଚ ଅଦାଲତ ଆଜି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ କୋର୍ଟ ଦିଲ୍ଲୀରେ ବ୍ୟାରିକେଡିଂ ବ୍ୟବସ୍ଥାର ସମୀକ୍ଷା କରିବାକୁ କହିଛନ୍ତି ଓ ଆଇନ୍‌ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ମେଟ୍ରୋ ସେବା ଯେପରି ସ୍ୱାଭାବିକ ସମୟ ସୂଚୀ ଅନୁଯାୟୀ ଚାଲିବ ଏବଂ ଇଣ୍ଟରନେଟ୍ ସେବା ଯେପରି ବାଧାପ୍ରାପ୍ତ ନ ହେବ ତାହା ସୁନିଶ୍ଚିତ କରିବାକୁ କେନ୍ଦ୍ର ସରକାରଙ୍କୁ

ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟ କହିଛନ୍ତି ପ୍ରଚଳିତ ଆଇନ୍‌ଶୃଙ୍ଖଳା ପରିସ୍ଥିତି ଅନୁଯାୟୀ ମେଟ୍ରୋ ଏବଂ ଟ୍ରେନ୍ ସେବା ସ୍ୱାଭାବିକ ଭାବେ କାର୍ଯ୍ୟ କରିବା ଉଚିତ୍ । ଆଇନ୍‌ଜୀବୀ ମାନଙ୍କୁ ସେମାନଙ୍କର ବୃତ୍ତିଗତ ଦାୟିତ୍ୱ ସମ୍ପାଦନ କରିବାରେ ଯେପରି କୌଣସି ବାଧା ସୃଷ୍ଟି ନ କରାଯାଏ ସେଥିପାଇଁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶର କଥିତ ଉଲ୍ଲଙ୍ଘନ ଅଭିଯୋଗରେ କର୍ତ୍ତୃପକ୍ଷଙ୍କ ବିରୋଧରେ ଅଦାଲତ ଅବମାନନା ପ୍ରକ୍ରିୟା ଆରମ୍ଭ କରିବାକୁ ଅନୁରୋଧ କରୁଥିବା ଏକ ଆବେଦନ ଉପରେ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ନୋଟିସ ଜାରି କରି କହିଛନ୍ତି, ସେ ସମସ୍ତ ପକ୍ଷଙ୍କ କଥା ଶୁଣିବେ ଏବଂ କୌଣସି ଅସୁବିଧା ଯେପରି ନ ହେବ ତାହା ସୁନିଶ୍ଚିତ କରିବେ । ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟଙ୍କୁ ଜଣାଇଛନ୍ତି ଅକ୍ଟୋବର ୧୦ ତାରିଖରେ ସମଗ୍ର ମେଟ୍ରୋ ନେଟୱର୍କର ୩୦୩ଟି ଷ୍ଟେସନ ମଧ୍ୟରୁ କେବଳ ୪୫ଟି ଷ୍ଟେସନରେ ପ୍ରବେଶ ଏବଂ ପ୍ରସ୍ଥାନକୁ ସୀମିତ ରଖାଯାଇଥିଲା । ଜାତୀୟ ରାଜଧାନୀରେ ଚାଲିଥିବା ବିକ୍ଷୋଭ ପ୍ରଦର୍ଶନ ସମୟରେ ଚଳପ୍ରଚଳ ଉପରେ କଟକଣା ଏବଂ ସାଧାରଣ ସେବାର କାର୍ଯ୍ୟକାରୀତାକୁ ନେଇ ସୃଷ୍ଟି ହୋଇଥିବା ସମସ୍ୟା ମଧ୍ୟରେ ସର୍ବୋଚ୍ଚ ଅଦାଲତଙ୍କ ଏହି ନିର୍ଦ୍ଦେଶ ଆସିଛି ।

# କ୍ରିକେଟ୍

ଟି-ଟ୍ୱେଣ୍ଟି ଅନ୍ତର୍ଜାତୀୟ କ୍ରିକେଟ୍ ସିରିଜ୍‌ର ତୃତୀୟ ମ୍ୟାଚ୍ ଆଜି ଇନ୍ଦୋରର ହୋଲକର ଷ୍ଟାଡିୟମ୍‌ରେ ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଖେଳାଯିବ। ଏହି ମ୍ୟାଚ୍ ସନ୍ଧ୍ୟା ୭ଟାରେ ଆରମ୍ଭ ହେବ। ପାଞ୍ଚଟି ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ସମାନ ସ୍ଥିତିରେ ରହିଛନ୍ତି।

ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ଭାରତକୁ ୬ ୱିକେଟ୍‌ରେ ପରାସ୍ତ କରିଥିବାବେଳେ ପ୍ରଥମ ମ୍ୟାଚ୍‌ରେ ଭାରତ ୮ ୱିକେଟ୍‌ରେ ବିଜୟୀ ହୋଇଥିଲା ।

# ପାଣିପାଗ

ଭାରତୀୟ ପାଣିପାଗ ବିଭାଗ ମଙ୍ଗଳବାର ପର୍ଯ୍ୟନ୍ତ କେରଳମ୍, ମାହେ, ଲକ୍ଷ୍ୟଦୀପ୍, ତାମିଲନାଡୁ, ପୁଡୁଚେରୀ ଏବଂ କରାଇକାଲରେ ବିଜୁଳି ଘଡଘଡି ସହ ପବନ ବହିବାର ପୂର୍ବାନୁମାନ କରିଛି । ସେହିପରି ଆଜି ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ, ନାଗାଲାଣ୍ଡ, ମଣିପୁର, ମିଜୋରାମ, ତ୍ରିପୁରା, ଓଡ଼ିଶା ଏବଂ ପଶ୍ଚିମ ରାଜସ୍ଥାନରେ ମଧ୍ୟ ସମାନ ପାଣିପାଗ ପରିସ୍ଥିତି ଦେଖାଯିବାର ସମ୍ଭାବନା ରହିଛି । ଆଏମ୍‌ଡି କହିଛି ଆଜି ଉପକୂଳ କର୍ଣ୍ଣାଟକ, କୋଙ୍କଣ ଏବଂ ଗୋଆର କେତେକ ସ୍ଥାନରେ ଗରମ ଓ ଗୁଳଗୁଳି ଅନୁଭୂତ ହୋଇପାରେ ।